ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ୨୨ ସେପ୍ଟେମ୍ବର,୨୦୨୩, ଶୁକ୍ରବାର

## ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ଆଞ୍ଚଳିକ ସମ୍ମିଳନୀ

**ବ୍ରହ୍ମପୁର,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ଛତ୍ରପୁର ସ୍ଥିତ ନ୍ୟୁ ପୋଲିସ ଲାଇନ ଶ୍ରୀ ଗଣେଷ ମନ୍ଦିର ପ୍ରାଙ୍ଗଣରେ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ର ଆଂଚଳିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ସଭାପତି ତଥା ହାଇକୋର୍ଟ ଆଇନଜୀବି ପଦ୍ମ ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ଜିଲ୍ଲା ଉପସଭାପତି ଲୋକନାଥ ସାହୁ, ଛତ୍ରପୁର ତାଲୁକା ସମ୍ପାଦକ ତ୍ରିନାଥ ସାହୁ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ଓ ନବନିର୍ବାଚିତ ସଂଗଠକ ସମ୍ପାଦକ ଦେବେନ୍ଦ୍ର ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଆଗାମୀ ଦିନରେ ମଧୁବୈଶ୍ୟ ସମାଜ ଛତ୍ରପୁର ଶାଖାକୁ ସୁଦୃଢ଼ କରିବା ଓ ସଭ୍ୟ ସଭ୍ୟା ମାନଙ୍କ ବିଭିନ୍ନ ସମସ୍ୟା ଗୁଡିକ ସମାଧାନ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ଏଥିରେ ପ୍ରାୟ ୨୦୦ ସଭ୍ୟ/ସଭ୍ୟା ଯୋଗ ଦେଇଥିଲେ। ନାରୀ ସମ୍ପାଦିକା କିରଣ ପ୍ରଭା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ରାଜ୍ୟ ମହିଳା ସଂଘର ସହ ସମ୍ପାଦିକା ଗୋଲାପ କୁମାରୀ ସାହୁ ଯୋଗ ଦେଇ ନାରୀ ସଂଗଠନକୁ ସୁଦୃଢ଼ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ପ୍ରାରମ୍ଭ ସ୍ୱୟଂ ଶ୍ରୀ ସାହୁ ଏବଂ ସୌମ୍ୟା ଶ୍ରୀ ସାହୁ ଗଣେଶ ବନ୍ଦନା ଗାନ କରିବା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା।

## ବ୍ଲକ ସମିତିସଭ୍ୟ ସଂଘ ପକ୍ଷରୁ ସାଧାରଣ ବୈଠକ

**ମାହାଙ୍ଗା,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ମାହାଙ୍ଗା ବ୍ଲକର ସମିତିସଭ୍ୟସଭ୍ୟାମାନଙ୍କୁ ନେଇ ଏକ ବୈଠକ ଗୌଡପଡା ଡାକବଙ୍ଗଳା ପ୍ରାଙ୍ଗଣରେ ପଲ୍ଲୀସାହି ସମିତିସଭ୍ୟ ଦୀପକ ରଞ୍ଜନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା । ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ନିର୍ବାଚିତ ସମିତିସଭ୍ୟମାନଙ୍କୁ ପ୍ରଶାସନିକ ସ୍ତରରେ ଗୁରତ୍ୱ ଦିଆଯାଉନାହିଁ । ଯେଉଁଥିପାଇଁ ସେମାନେ ସାଧାରଣ ଲୋକଙ୍କ ଦାବୀ ପୂରଣ କରିପାରୁନାହାନ୍ତି । ସାରା ରାଜ୍ୟରେ ଶହ ଶହ ସମିତିସଭ୍ୟମାନଙ୍କୁ ଦୀର୍ଘ ବର୍ଷ ଧରି ସବୁ କ୍ଷେତ୍ରରେ ଉପେକ୍ଷା କରାଯାଉଥିବାରୁ ବୈଠକରେ ଏହାକୁ ନେଇ କ୍ଷୋଭ ପ୍ରକାଶ ପାଇଥିଲା । ୧୨ ଦଫା ଦାବୀ ନେଇ ରାଜ୍ୟ ପିଏସ ମେମ୍ବର ସଂଘର ରାଜ୍ୟସ୍ତରୀୟ ଆନ୍ଦୋଳନକୁ ମାହାଙ୍ଗାବ୍ଲକ ସମିତିସଭ୍ୟ ସଂଘ ପକ୍ଷରୁ ସମର୍ଥନ ଦିଆଯାଇଥିଲା । ସରପଂଚମାନଙ୍କୁ ଯେପରି ପଂଚାୟତରାଜ ବ୍ୟବସ୍ଥାରେ କ୍ଷମତା ଦିଆଯାଇଛି । ସେହିପରି ନିର୍ବାଚିତ ସମିତିସଭ୍ୟମାନଙ୍କୁ ପ୍ରତ୍ୟେକ କ୍ଷକ୍ଷତ୍ରରେ ଅନୁରୂପ କ୍ଷମତା ଓ ଗୁରୁତ୍ୱ ଦେବାକୁ ସରକାରଙ୍କ ନିକଟରେ ଦାବୀ ହୋଇଥିଲା । ମାହାଙ୍ଗା ବ୍ଲକ ସମିତି ସଂଘକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଏହି ବୈଠକରେ ନିଷ୍ପତି ନିଆଯାଇଥିଲା । ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ଦୀପା ମଲିକ,ସୁପ୍ରଭା ସାମଲ,ଦୁର୍ଗାପ୍ରସାଦ ବାରିକ,ଦୀପକ ରଞ୍ଜନ ଦାସ,ସଂଗୀତା ମହାନ୍ତି,ପର୍ଶୁରାମ ମଲ୍ଲିକ ,ଦେବପ୍ରସାଦ ମହାନ୍ତି,ସବିନା ଖାତୁନ,ପୁଷ୍ପଲତା ରାଉତ,ଲଳିତ କୁମାର ରାଉତ,ଭବାନୀ ଶଙ୍କର ବେହେରା,ଉର୍ମୀଳା ଦାସ,ସସ୍ମିତା ମଲ୍ଲିକ,ପ୍ରଦୀପ୍ତ କୁମାର ବିଶ୍ୱାଳ,ଦିଲୀପ କୁମାର ସାମଲ,କାଂଚନବାଳା ମହାନ୍ତି,ରବୀନ୍ଦ୍ର ଜେନା,କିଶୋର ଚନ୍ଦ୍ର ଦାସ ପ୍ରମୁଖ ସମିତିସଭ୍ୟସଭ୍ୟାମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ସହାୟତା ରାଶି ବଣ୍ଟନ ଶିବିର

**କେନ୍ଦୁଝର,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ମିଳିତ ଆନୁକୂଲ୍ୟରେ ଘସିପୁରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଘଟଗାଁ ବ୍ଲକ ସ୍ଥିତ ମା ତାରିଣୀ କଲ୍ୟାଣ ମଣ୍ଡପରେ ନିର୍ମାଣ ଶ୍ରମିକଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ରାଶି ବଣ୍ଟନ କରାଯାଇଛି । ଏହି ଉପଲକ୍ଷେ ଅନୁଷ୍ଠିତ ଏକ ଉତ୍ସବରେ ଜିଲ୍ଲା ଶ୍ରମ ଅଧିକାରୀ ସୂର୍ଯ୍ୟନାରାୟଣ ମାଳୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଘସିପୁରା ତଥା ପୂର୍ବତନ ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ବଦ୍ରି ନାରାୟଣ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିର୍ମାଣ ଶ୍ରମିକମାନଙ୍କ ପାଇଁ ସରକାର କାର୍ଯ୍ୟକାରୀ କରୁଥିବା ଯୋଜନାଗୁଡିକର ସୁଯୋଗ ନେବା ପାଇଁ ସମସ୍ତ ନିର୍ମାଣ ଶ୍ରମିକମାନଙ୍କୁ ଆହ୍ୱାନ ଜଣାଇଥିଲେ । ଓଡିଶାର ଅଣସଂଗଠିତ କ୍ଷେତ୍ରରେ କାର୍ଯ୍ୟ କରୁଥିବା ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ନିମନ୍ତେ ରାଜ୍ୟସ୍ତରରେ କଲ୍ୟାଣ ପାଣ୍ଠି ଗଠନ କରାଯାଇଛି ଏବଂ ଏହାର ସୁପରିଚାଳନା ପାଇଁ ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ସ୍ଥାପନ କରାଯାଇଥିବାବେଳେ ସମସ୍ତ ନିର୍ମାଣଶ୍ରମିକମାନେ ପଞ୍ଜିଭୁକ୍ତ ହୋଇ ଶ୍ରମିକ କଲ୍ୟାଣ ଯୋଜନାରେ ସହାୟତା ନେବା ପାଇଁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମ ଶେଷରେ ଅତିଥିମାନେ ନିର୍ମାଣ ଶ୍ରମିକମାନଙ୍କୁ ବିଭିନ୍ନ ପ୍ରକାର ସହାୟତା ରାଶି ପ୍ରଦାନ କରିଥିଲେ । ୪୨ ଜଣଙ୍କୁ ଶିକ୍ଷା ସହାୟତା ବାବଦରେ ୪ଲକ୍ଷ ୯୮ ହଜାର ୮୦୦ ଟଙ୍କା,ବିବାହ ସହାୟତା ୧୩୨ ଜଣ ହିତାଧିକାରୀଙ୍କୁ ୬୫ ଲକ୍ଷ ୨୫ ହଜାର ଟଙ୍କା,ପ୍ରସୂତି କାଳୀନ ସହାୟତା ବାବଦରେ ୩ ଜଣ ହିତାଧିକାରୀଙ୍କୁ ୩୦ ହଜାର ଟଙ୍କା,ମୃତ୍ୟୁକାଳୀନ ସହାୟତା ରାଶି ୪୦ ଜଣଙ୍କୁ ୭୮ ଲକ୍ଷ ଟଙ୍କା, ୩୭ ଜଣ ଙ୍କୁ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ବାବଦରେ ୦୧ ଲକ୍ଷ ୮୫ହଜାର ଟଙ୍କା ସହାୟତା ରାଶି ବଂଟନ କରାଯାଇଛି । ମୋଟ ୨୫୪ ଜଣଙ୍କୁ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନାରେ ୦୧ କୋଟି ୫୦ଲକ୍ଷ ୩୮ହଜାର ୮୦୦ ଟଙ୍କା ବଂଟନ କରାଯାଇଛି । ୨୦୦ ନିର୍ମାଣ ଶ୍ରମିକ ଙ୍କୁ ପରିଚୟ ପତ୍ର ମଧ ବଣ୍ଟନ କଯାଇଥିଲା ।ଏହି କାର୍ଯ୍ୟକ୍ରମରେ ୫୦୦ରୁ ଅଧିକ ନିର୍ମାଣ ଶ୍ରମିକ ଯୋଗ ଦେଇଥିଲେ । କେନ୍ଦୁଝର ଶ୍ରମ କାର୍ଯ୍ୟାଳୟର ମଙ୍ଗଳ ସହାୟକ ଓଁକାର ପ୍ରସାଦ ଦାସ,କନିଷ୍ଠ ସହାୟକ ସୁଧାକର ବାରିକ, ଜିତେନ୍ଦ୍ର ବେହୁରା, ଚନ୍ଦ୍ରକାନ୍ତ ତ୍ରିପାଠୀ, ବର୍ଷା ଦାଶଙ୍କ ସମେତ ଶ୍ରମ ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

## ହଳଦିଆ ମହାବିଦ୍ୟାଳୟର ପ୍ରତିଷ୍ଠା ଉତ୍ସବ ପାଳିତ

**ଖୋର୍ଦ୍ଧା,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ଖୋର୍ଦ୍ଧା ଉପକଣ୍ଠ ହଳଦିଆ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ ଗତ ୧୯.୦୯.୨୦୨୩ରେ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ପରିସର ମଧ୍ୟରେ ଗଣେଶଙ୍କ ବିଗ୍ରହଙ୍କୁ ଅରୁଣାଭ ଭଞ୍ଜ ଦେଓ, ଡେମନଷ୍ଟ୍ରେଟର ନିଜସ ଖର୍ଚ୍ଚରେ ସ୍ଥାପନା କରି ଅଧ୍ୟକ୍ଷ ପ୍ରଫେସର୍ ଉମାକାନ୍ତ ପାତ୍ର ଆନୁଷ୍ଠାନିକ ଭାବେ ପ୍ରତିଷ୍ଠା କରାଇଥିଲେ। ପ୍ରତିଷ୍ଠା ଦିବସ ଅବସରରେ ଶ୍ରୀଯୁକ୍ତ ସୁରେଶ କୁମାର ରାଉତରାୟ,ବିଧାୟକ ଜଟଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାର ଅଗ୍ରଗତି ନିମନ୍ତେ ପରାମର୍ଶ ଦେଇଥିଲେ। ଓଡ଼ିଶାର ସୁନାମଧନ୍ୟ ଶିକ୍ଷାବିତ ଡ. ଭଗବାନ ପ୍ରକାଶ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୁଣାତ୍ମକ ଶିକ୍ଷାର ବିକାଶ କ୍ଷେତ୍ରରେ ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ସଭାପତି ତଥା ପ୍ରତିଷ୍ଠାତା ସଭ୍ୟ ଡ.ଶରତ ଚନ୍ଦ୍ର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ତରଖୋର୍ଧରେ ଏକ ଅଗ୍ରଣୀ ମହାବିଦ୍ୟାଳୟ ଭାବେ ପରିଚିତ କରାଇବା ପାଇଁ ଉଦବୋଧନ ଦେଇଥିଲେ। ମହାବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ରଞ୍ଜନ କୁମାର ଭଞ୍ଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଓଡ଼ିଶା ସରକାରଙ୍କ ୫ସ୍ୱ ମହାବିଦ୍ୟାଳୟ ଭାବେ ଅନ୍ତର୍ଭୁକ୍ତ ଯୋଗୁଁ କୃତଜ୍ଞତା ଜଣାଇଥିଲେ ଏବଂ ସମସ୍ତ ଅଭିଭାବକ,ନିମନ୍ତ୍ରିତ ଶିକ୍ଷାବିତ୍,ଅଧ୍ୟାପକ ଓ ଛାତ୍ରଛାତ୍ରୀଙ୍କୁ ବିକାଶ ଦିଗରେ ସହଯୋଗ କାମନା ସହ ଦୃଢ଼ ସଂକଳ୍ପ କରାଇଥିଲେ। ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ପାତ୍ର ମହାବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଓ କ୍ୟୁଅଇ ମାନ୍ୟତା ଉପରେ ଗୁରୁତ୍ବ ପ୍ରଦାନ କରିଥିଲେ। ଶ୍ରୀ ରଘୁନାଥ ଜନମଙ୍ଗଳ ଟ୍ରଷ୍ଟ ତରଫରୁ ପ୍ରତିବର୍ଷ ଭଳି ୨ କାଉନସିଲ ପରୀକ୍ଷା ରେ ମହାବିଦ୍ୟାଳୟରେ ସର୍ବୋଚ୍ଚ ମାର୍କ ରଖି ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ୫୦୦୦ଟଙ୍କାର ଚେକ ଓ ମାନପତ୍ର ପ୍ରଦାନ କରାଯାଇଥିଲା।

## ଗଜଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ

**ଗୁଣପୁର,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ଥାନୀୟ ବୃନ୍ଦାବତୀ ନଗର ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ମା' ଗଜଲକ୍ଷ୍ମୀ ପୂଜା ନିମତେ ଶୁଭ ଖୁଣ୍ଟି ସ୍ଥାପନ କରାଯାଇଛି । ସକାଳେ ପାରମ୍ପରିକ ରୀତିରେ ପୂଜାର୍ଚ୍ଚନା କରାଯାଇ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି ।ଷଷ୍ଠ ଥର ପାଇଁ ଆୟୋଜିତ ମା' ଗଜଲକ୍ଷ୍ମୀ ପୂଜା ଆସନ୍ତା ମାସ ୨୮ ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ମାସ ୩ ତାରିଖରେ ସମାପନ ହେବ ବୋଲି ପୂଜାକମିଟି ପକ୍ଷରୁ କୁହାଯାଇଛି ।ଶୁଭଖୁଣ୍ଟି ସ୍ଥାପନ କାର୍ଯ୍ୟକ୍ରମ ରେ ନବୀନ ରଥ, ନୀଳାଦ୍ରି ତ୍ରିପାଠୀ, ପ୍ରକାଶ ରଥ, ଓ କାଶୀ ବିଶ୍ୱନାଥ ମିଶ୍ର ପ୍ରମୁଖ ପୂଜକ ଭାବେ ଦାଇତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପୂଜା କମିଟି ର ସଭାପତି ଜଗନ୍ନାଥ ପଟନାୟକ,ସମ୍ପାଦକ ବୁଲୁ ପାଢ଼ୀ, ନରସିଂହ ଶତପଥି, ଦୁର୍ଗା ପାଣିଗ୍ରାହୀ, ସୁନୀଲ ପଣ୍ଡା, ଦିପୁ ପଟନାୟକ, ବିଦୁର ପଣ୍ଡା,ଟିଙ୍କୁ ପଣ୍ଡା,ନିଖିଲ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ଜାଗୃତି କଲଚୁରାଲ ଏସୋସିଏସନ,ମରାଠିଗୁଡା ପକ୍ଷରୁ ଆୟୋଜିତ ଗୁଣୁପୁର ବ୍ଲକ ଅଫିସ ସମୁଖ ରେ ଗଜଲକ୍ଷ୍ମୀ ପୂଜା ନିମନ୍ତେ ଶୁଭଖୁଣ୍ଟି ସ୍ଥାପନ କରାଯାଇଛି। ଚଳିତ ବର୍ଷ ମା ଙ୍କ ପୂଜା ଷଷ୍ଠ ବର୍ଷରେ ପଦାର୍ପଣ କରିବ। ମହା ଆଡମ୍ବର ସହ ପୂଜା ପାଳନ କରାଯିବା ନେଇ ପୂଜା କମିଟି ଜୋରଦାର ପ୍ରକ୍ରିୟା ଆରମ୍ଭ କରିଛି। ୯ ଦିନ ଧରି ମା ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେବ। ଶୁଭଖୁଣ୍ଟି ସ୍ଥାପନ ଓ ମା ଙ୍କ ପୂଜା ନିମନ୍ତେ କର୍ତା ରୁପେ ରାଧାକୃଷ୍ଣ ପଣ୍ଡା କାର୍ଯ୍ୟ ତୁଲାଉଥିବା ବେଳେ ପୂଜକ ନବିନ ଚନ୍ଦ୍ର ରଥ ଓ ପ୍ରକାଶ ଚନ୍ଦ୍ର ରଥ ପୂଜା କାମ ସଂମ୍ପାଦନ କରିଛନ୍ତି। ଶୁଭ ଖୁଣ୍ଟି ସ୍ଥାପନ କାର୍ଯ୍ୟ କ୍ରମରେ ପୂଜା କମିଟି ର ସଭାପତୀ ମନୋରଂଞ୍ଜନ ରଥ ଓ ସଂମ୍ପାଦକ ଶିବ ପ୍ରସାଦ ମହାପାତ୍ର, ଉପସ୍ଥିତ ରହି କାର୍ଯ୍ୟଭାର ତୁଲାଇଥିବା ବେଳେ ଶମେଶ୍ୱର ସାମଲ,ରମେଶ ପାଣିଗ୍ରାହି,ରବି ନାରାୟଣ ଶତପଥି, ମୀନକେତନ ପଣ୍ଡା,ତ୍ରିଚରଣ ପାତ୍ର, ଅକ୍ଷୟ ରାଜଗୁର,ରାଜେନ୍ଦ୍ର ସାହୁକାର,କମଳକାନ୍ତ ଖୁଣ୍ଟିଆ,ଦେବା ଶିଷ ପଣ୍ଡା,ଜନାର୍ଦ୍ଦନ ମହାପାତ୍ର, ବଳରାମ ପାଣିଗ୍ରାହି,ରଂଞ୍ଜନ ପାଣିଗ୍ରାହି, ପ୍ରେମାଂଶୁ ରଥ, ଚନ୍ଦନ ଦାସ,ରାଧାକୃଷ୍ଣ ଗଉଡ, କାଳିଆ ଗଉଡ, ପ୍ରଦିପ ପାଢି,କୁନା ରାଜଗୁରୁ,ମୁନା ଚୌଧୁରି,ଶ୍ରିକାନ୍ତ,ଜ୍ଞାନ ନିଃଶଙ୍କ, ନିରଂଞ୍ଜନ ଗଉଡ ପ୍ରମୁଖ ସଦଶ୍ୟମାନେ ଉପସ୍ଥିତ ଥିଲେ।

## ଜଳେଶ୍ୱର ରେଳ ଷ୍ଟେସନରେ ଜିଆର୍‌ପି ଓ ଆର୍‌ପିଏଫ କାର୍ଯ୍ୟାଳୟ ନିର୍ମାଣ ପାଇଁ ଦାବି

**ଜଳେଶ୍ୱର,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ଜଳେଶ୍ୱର ରେଳ ଷ୍ଟେସନ ଦୁଇ ରାଜ୍ୟର ଉପାନ୍ତ ଅଂଚଳରେ ଅବସ୍ଥିତ ଥିବାରୁ ଅପରାଧିକରଣ ବଢିଚାଲିଛି । ଜିଆର୍‌ପି ଓ ଆର୍‌ପିଏଫର କାର୍ଯ୍ୟାଳୟ ଏଠାରେ ନ ଥିବାରୁ ରେଳ ଷ୍ଟେସନରେ ଦୁର୍ବୃତ୍ତମାନଙ୍କ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ତେଣୁ ରେଳ ଷ୍ଟେସନର ପ୍ଲାଟଫର୍ମରେ ଜିଆର୍‌ପି ଓ ଆର୍‌ପିଏଫର କାର୍ଯ୍ୟାଳୟ ଅତିଶୀଘ୍ର ପ୍ରତିଷ୍ଠା କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି । ଅମୃତ ଭାରତ ଯୋଜନାରେ ଜଳେଶ୍ୱର ସାମିଲ ହୋଇଥିବା ଏବଂ ସମଗ୍ର ଉତ୍ତର ବାଲେଶ୍ୱରରେ ଏହା ସର୍ବବୃହତ ରେଳ ଷ୍ଟେସନ ହୋଇଥିବାରୁ ବହୁ ଟ୍ରେନର ରହଣିର ସୁବିଧା ରହିଛି । ଜଳେଶ୍ୱର, ରାଇବଣିଆ, କମର୍ଦ୍ଦା, ଭୋଗରାଇ, ଉଦୟପୁର ମେରାଇନ ଥାନା, ମୟୂରଭଂଜର ରାସଗୋବିନ୍ଦପୁର, ଖୁଣ୍ଟା, ବୈଶିଙ୍ଗା, ପଶ୍ଚିମବଂଗର ମୋହନପୁର, ରାମନଗର, ଦାନ୍ତୁନ, ନୟାଗ୍ରାମ ଥାନା ଅଂଚଳରୁ ପ୍ରାୟ ୧୨ଲକ୍ଷ ଲୋକ ଯାତାୟାତ ଲାଗି ଏହି ରେଳ ଷ୍ଟେସନ ଉପରେ ନିର୍ଭରଶୀଳ। ବର୍ଷକୁ ମଧ୍ୟ ୧୨ କୋଟି ଟଙ୍କାର ରାଜସ୍ୱ ମିଳିଥାଏ । କିନ୍ତୁ ଏବେ ଅମୃତ ଭାରତ ଷ୍ଟେସନ ଲାଗି ବିଭିନ୍ନ ଉନ୍ନୟମ ମୂଳକ କାର୍ଯ୍ୟ ଚାଲିଥିବାରୁ ଯାତ୍ରୀମାନେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି । ଏପରିକି ରାତ୍ରୀ ରହଣୀର କୌଣସି ବ୍ୟବସ୍ଥା ନାହିଁ। ବହୁ ଅସାମାଜିକ ଲୋକେ ଷ୍ଟେସନ ଅଂଚଳରେ ଦୌରାତ୍ମ୍ୟ ବୃଦ୍ଧି କରିଚାଲିଛନ୍ତି । ରେଳ ମନ୍ତ୍ରୀ ଏବ ଉଚ୍ଚ ପଦସ୍ଥ କର୍ମକର୍ତ୍ତା ଜଳେଶ୍ୱରକୁ ଆସୁଥିବା ବେଳେ ଜିଆର୍‌ପି ଓ ଆର୍‌ପିଏଫ କାର୍ଯ୍ୟାଳୟ ନିର୍ମାଣ ଲାଗି ବାରମ୍ବାର ଦାବି ହୋଇ ଆସୁଛି ।

## କୁଡୁମୀ ଏକତା ମଞ୍ଚର ୧୨ ଘଣ୍ଟିଆ ବନ୍ଦ ଡାକରା ଆଂଶିକ ଫଳପ୍ରଦ

**ବୈଶିଙ୍ଗା,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ସାରା ମୟୂରଭଞ୍ଜ ସମେତ ପଡୋଶୀ ରାଜ୍ୟର କୁଡୁମୀ ଭାଷାଭାଷି ଅଞ୍ଚଳରେ କୁଡୁମୀ ଏକତା ମଞ୍ଚର ବନ୍ଦ ଡ଼ାକରା ବହୁ ସ୍ଥାନରେ ସଫଳ ହୋଇଥିବାର ଜଣାଯାଇଛି। ମାତ୍ର ଏହା ଶାସକ ଦଳର ଏକ ପ୍ରାୟୋଜିତ କାର୍ଯ୍ୟକ୍ରମ ବୋଲି ଚର୍ଚ୍ଚା ହେଉଛି। କାରଣ ଦୀର୍ଘ ଆଠ ବର୍ଷ ଧରି ସର୍ବ ଭାରତୀୟ ସ୍ତରରେ କୁଡୁମୀ ସେନା ନାମରେ ସଙ୍ଗଠନ ତିଆରି କରି ଏହାର ପ୍ରତିଷ୍ଠାତା ଜୈମୁନି କୁମାର ମହାନ୍ତ ପଲ୍ଲୀ ରୁ ଦିଲ୍ଲୀ ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇଛନ୍ତି କୁଡୁମୀ ସମାଜ କୁ ଆଦିବାସୀ ମାନ୍ୟତା ଦେବା ସହିତ ତାଙ୍କର ଭାଷା ,ସଂସ୍କୃତି ଓ ପରମ୍ପରାକୁ ବଜାୟ ରଖିବା ପାଇଁ। ଆଜିର ବନ୍ଦ ଡାକରାରେ ଏହି କୁଡୁମୀ ସେନାକୁ ସାମିଲ କରାଯାଇନାହିଁ। କିନ୍ତୁ ଏକତା ମଞ୍ଚର ବହୁ ସଦସ୍ୟ ବୈଶିଙ୍ଗା ର ପାଖାପାଖି ଅଞ୍ଚଳରେ ବନ୍ଦରେ ସହଯୋଗ କରିଥିଲେ।ଦିବା ୧ ଘଟିକା ପର୍ଯ୍ୟନ୍ତ ଜାତୀୟ ରାଜପଥରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ନୂଆଖାଇ ଛୁଟି ଥିବାରୁ ରାଜ୍ୟ ସରକାରୀ କାର୍ଯ୍ୟାଳୟ, ସ୍କୁଲ କଲେଜ ସମେତ ବିଭିନ୍ନ ଅନୁଷ୍ଠାନ ବନ୍ଦ ରହିଥିବାରୁ ବନ୍ଦର ପ୍ରଭାବ ପରିଲକ୍ଷିତ ହୋଇନଥିଲା। କୁଡୁମୀ ସେନା ତରଫରୁ ଗତ ସେପ୍ଟେମ୍ବର ୬ ତାରିଖକୁ କଳାଦିବସ ଭାବେ ପାଳନ କରିଥିବା କାରଣରୁ ଏହାକୁ ଏକ ପ୍ରାୟୋଜିତ ବନ୍ଦ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

## ରାଜୁଆ ନଦୀରେ ମିଶୁଛି ମହାନଦୀର ବନ୍ୟା ଜଳ

**ଖୋର୍ଦ୍ଧା,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**



ଖୋରଧା ବ୍ଲକ ର ତିନି ପଞ୍ଚାୟତ ଓରବରସିଂହ, ନରଣଗଡ଼ ଏବଂ ବ୍ରଜମୋହନପୁର ରେ ଅକଥନୀୟ ଦୁର୍ଦ୍ଦଶା ପ୍ରତିବର୍ଷ ଆଣିଦେଇଥାଏ ।ହଜାର ହଜାର ଏକର ଚାଷ ଜମି ବନ୍ୟା ପ୍ଲାବିତ ହେବାସହ ଗାଁ ଦାଣ୍ଡରେ ତିନି ଫୁଟ ଉଚରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଜନସାଧାରଣ ଏବଂ ଗୃହ ପାଳିତ ପଶୁମାନେ ନାହିଁ ନଥିବା ଦୁର୍ଦ୍ଦଶା ର ସମ୍ମୁଖୀନ ହେଉଛନ୍ତି ।ଏପରିକି ହିରିମୂଳ ଗାଁ ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଆସୁଅଛି । ସଂପ୍ରତି ହିରିମୂଳ ଗ୍ରାମବାସୀଙ୍କର ଦୁର୍ଦ୍ଦଶାକୁ ଉପଲବ୍ଧି କରି ରାଜ୍ୟ ବିଜୁ ମହିଳା ଜନତା ଦଳ ବରିଷ୍ଠ ଉପସଭାପତି ବାସନ୍ତୀ ମହାପାତ୍ର ବନ୍ୟା ବିପନ୍ନମାନଙ୍କୁ ଭେଟି ଶୁଖିଲା ଖାଦ୍ୟ ବଣ୍ଟନ କରିବାସହ ପ୍ରଶାସନ ଦ୍ୱାରା ଯାତାୟତ ପାଇଁ ଯୋଗାଇ ଦିଆଯାଉଥିବା ଏକ ମାତ୍ର ଡ଼ଙ୍ଗା ପ୍ରଯ୍ୟାପ୍ତ ହେଉନଥିବାରୁ ଅଧିକ ଡ଼ଙ୍ଗା ଯୋଗାଇଦେବା ପାଇଁ ଅନୁରୋଧ କରିଛନ୍ତି।

## କବାଡି ବ୍ୟବସାୟୀଙ୍କ ମୃତଦେହ ଉଦ୍ଧାର : ହତ୍ୟା ଅଭିଯୋଗ ଆଣିଲେ ପରିବାର

**ନବରଙ୍ଗପୁର,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

୪ ଦିନ ଧରି ନିଖୋଜ ଥିବା ଯୁବ କବାଡି ବ୍ୟବସାୟୀଙ୍କ ଗଳିତ ମୃତଦେହ ଘର ଠାରୁ ୬୦ କିଲୋମିଟର ଦୂର ଜଙ୍ଗଲରୁ ଉଦ୍ଧାର ହୋଇଛି । ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଅନ୍ତର୍ଗତ ଚଟାଗୁଡା ଡିଏନକେ ଗ୍ରାମର ନିଖୋଜ ଯୁବକ ରାଜା ମାଳାକାରଙ୍କ ଗଳିତ ମୃତଦେହ ପାପଡାହାଣ୍ଡି ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଜଙ୍ଗଲରୁ ଉଦ୍ଧାର କରିଛି କୋଡ଼ିଙ୍ଗା ପୋଲିସ । ଘଟଣାରେ ସମ୍ପୃକ୍ତ ଦୁଇ ଜଣକୁ ଅଟକ ରଖିଛି କୋଡିଙ୍ଗା ପୋଲିସ । ହତ୍ୟା ପରେ ପୋତି ଦେଇଥିବା ଅଭିଯୋଗ ଆଣିଛନ୍ତି ପରିବାର ଲୋକ । ଘଟଣା ସ୍ଥଳରେ ତିନି ତିନୋଟି ଥାନା ପୋଲିସ ଟିମ ପହଞ୍ଚି ମୃତଦେହ ଉଦ୍ଧାର ପରେ ତଦନ୍ତ ଆରମ୍ଭ ହୋଇଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ଥାନା ଅଞ୍ଚଳରେ । ଅଭିଯୁକ୍ତଙ୍କ ବୟାନ ମୁତାବକ ରାଜା ମାଳାକାର ଏବଂ ଡାବୁଗାଁ ଅଞ୍ଚଳର କେତେ ଜଣ ଯୁବକ ଇଲେକ୍ଟ୍ରି ଟ୍ରାନ୍ସଫର୍ମର ଆଲୁମିନିୟମ ତାର ଚୋରି କରିବାକୁ ରବିବାର ଦିନ କୋଡ଼ିଙ୍ଗା ଥାନା ଅଞ୍ଚଳକୁ ଯାଇଥିଲେ । ସେଠାରେ ବିଦ୍ୟୁତ ଆଘାତରେ ମୃତ ରାଜା ମାଳାକାରକୁ ଘରକୁ ଖବର ଦେବା ପରିବର୍ତ୍ତେ ପାପଡାହାଣ୍ଡି ଥାନା ଅନ୍ତର୍ଗତ ଚନ୍ଦ୍ରପୁର ଜଙ୍ଗଲ ମଧ୍ୟରେ ପୋତି ଦେଇଥିବା ପୋଲିସ ନିକଟରେ ପ୍ରକାଶ କରିଛନ୍ତି । କବାଡି ବ୍ୟବସାୟ କରୁଥିବା ରାଜା ମାଳାକାର ରବିବାର ଦିନ ଅପରାହ୍ନ ୪ଟା ବେଳେ ଏକ ଫୋନ ପାଇ ଡାବୁଗାଁ ଅଞ୍ଚଳକୁ ଯାଉଥିବା କହି ଘରୁ ବାହାରିଥିଲେ କିନ୍ତୁ ରାତ୍ରରେ ଘରକୁ ନ ଫେରିବାରୁ ପରିବାର ଲୋକ ବହୁ ଖୋଜା ଖୋଜି ପରେ ସୋମବାର ଦିନ ଝରିଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଲିଖିତ ଅଭିଯୋଗ ପାଇବା ପରେ ଝରିଗାଁ ପୋଲିସ ରାଜା ମାଳାକାରଙ୍କ ଫୋନ କଲ ଯାଞ୍ଚ କରି ଘଟଣାରେ ସମ୍ପୃକ୍ତ ଦୁଇ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରା ଉଚରା କରିଥିଲେ । ପରେ କୋଡ଼ିଙ୍ଗା ଥାନା ଅଞ୍ଚଳରେ ଘଟଣା ଘଟିଥିବା ଜାଣିବାକୁ ପାଇ କୋଡ଼ିଙ୍ଗା ପୋଲିସ ଘଟଣାର ଅଧିକ ତଦନ୍ତ କରି ମୃତଦେହ ନିକଟରେ ପହଞ୍ଚିଥିଲେ । ସେପଟେ ରାଜା ମାଳାକାରଙ୍କୁ ହତ୍ୟା ପରେ ପୋତି ଦେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଅନ୍ୟପଟେ ଅଟକ ଦୁଇ ଅଭିଯୁକ୍ତଙ୍କୁ ପଚରା ଉଚରା ପରେ ଚନ୍ଦ୍ରପୁର ଜଙ୍ଗଲରେ ଝରୀଗାଁ, କୋଡ଼ିଙ୍ଗା ଏବଂ ପାପଡାହାଣ୍ଡି ପୋଲିସ ଟିମ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଚିକିସ୍ଚାଳୟକୁ ପଠାଇ ତଦନ୍ତ ଆରମ୍ଭ କରିଥିବା କୋଡ଼ିଙ୍ଗା ଥାନା ଅଧିକାରୀ ବି.କେ.ସାହୁ ପ୍ରକାଶ କରିଛନ୍ତି ।

## ୪ ଦଫା ଦାବି ନେଇ ସମୂହ ଛୁଟିରେ ଯିବେ ସମବାୟ ବ୍ୟାଙ୍କ କର୍ମଚାରୀ

**ବ୍ରହ୍ମପୁର,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ବ୍ୟାଙ୍କ କର୍ମଚାରୀ ମହାସଂଘର ଆହ୍ୱାନ କ୍ରମେ ୪ଦଫା ଦାବି ପୂରଣ ନେଇ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ସଂଘର ସଦସ୍ୟ ମାନେ ଆସନ୍ତା ୨୨ ତାରିଖରେ ସମୂହ ଛୁଟିରେ ଯିବାକୁ ନିଷ୍ପତ୍ତି ନେଇଛନ୍ତି । ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀଙ୍କୁ ଗତ ୨୦୧୬ ଜାନୁଆରୀ ପହିଲାରୁ ବକେୟା ସପ୍ତମ ବେତନ କମିଶନଙ୍କ ଅର୍ଥ ପ୍ରଦାନ, ୨୦୧୪ ସେପ୍ଟେମ୍ବର ପହିଲା ପରେ କାର୍ଯ୍ୟରେ ଯୋଗ ଦେଇଥିବା କର୍ମଚାରୀଙ୍କ ପାଇଁ ପେନସନ କର୍ପସ ଫଣ୍ଡ ଗଠନ, କ୍ୟାଡର ଫଣ୍ଡକୁ କେନ୍ଦ୍ର ସମବାୟ ବ୍ୟାଙ୍କର ଅଂଶଧନ ପ୍ରଦାନ ଉପରେ ପୁନଃ ବିଚାର କରିବା, ପ୍ରାଥମିକ ସେବା ସମବାୟ ସମିତି ମାନଙ୍କର ଫ୍ଲେକ୍ସି ଆକାଉଂଟ ରାଜ୍ୟ ସମବାୟ ବ୍ୟାଙ୍କରେ ଖୋଲିବା ଆଦେଶ ପ୍ରତ୍ୟାହାର କରିବା ଆଦି ଦାବି ନେଇ ସଂଘ ପକ୍ଷରୁ ବହୁ ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଥିଲେ ମଧ୍ଯ କୌଣସି ସୁଫଳ ନ ମିଳିବାରୁ ସଂଘ ବାଧ ହୋଇ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେଇଛି । ଆସନ୍ତା ୨୨ ତାରିଖରେ ସମୂହ ଛୁଟିରେ ଯିବା ନେଇ ସଂଘ ପକ୍ଷରୁ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ଦାବି ପୂରଣ ନହେଲେ ଆସନ୍ତା ୨୫ ତାରିଖରୁ ୩ ଦିନ ବ୍ୟାପି କାର୍ଯ୍ୟବନ୍ଦ ଆନ୍ଦୋଳନ ନିଷ୍ପତି ନିଆଯାଇ ଥିବା ସଂଘର ସାଧାରଣ ସମ୍ପାଦକ ପବିତ୍ର ମୋହନ ପଲେଇ ପ୍ରେସ ବିଜ୍ଞପ୍ତି ମାଧ୍ୟରେ ସୂଚନା ଦେଇଛନ୍ତି । ରାଜ୍ୟ ସରକାର ତଥା ସମବାୟ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଉପରୋକ୍ତ ଦାବି ପୂରଣ ଦିଗରେ ପଦକ୍ଷେପ ନେବାକୁ ବ୍ରହ୍ମପୁର ସମବାୟ କେନ୍ଦ୍ର ବ୍ୟାଙ୍କ କର୍ମଚାରୀ ସଂଘର ସଭାପତି ରଞ୍ଜିତ କୁମାର ତରାଇ, କାର୍ଯ୍ୟକାରୀ ସଭାପତି ସୁଧାଂଶୁ ଶେଖର ବିଷୋୟୀ, ସାଧାରଣ ସମ୍ପାଦକ ପବିତ୍ର ମୋହନ ପଲେଇ, ସହ ସମ୍ପାଦିକା ମଧୁସ୍ମିତା ସାହୁ, ଉପଦେଷ୍ଟା କୁମୁଦ ରଞ୍ଜନ ଜେନା, କାର୍ଯ୍ୟକାରୀ କମିଟି ସଦସ୍ୟ ହେମନ୍ତ କୁମାର ସାହୁ, ଆଶିଷ ସାହୁ, ସୁରଜ ନାୟକ, ମହେଶ୍ୱରୀ ଶତପଥି, ସୁନୀଲ ସାହୁ ପ୍ରମୁଖ ଅନୁରୋଧ କରିଛନ୍ତି ।



## କାଲାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଆଲୋଚନା ଚକ୍ର

**ସୋର,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ପୌରପରିଷଦ ଈଶ୍ୱରପୁରସ୍ଥ କାଲାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଶ୍ରୀଚନ୍ଦନ ପୌରୋହିତ୍ୟ କରି ପିଲାମାନେ ଶୃଂଖଳିତ ଭାବେ ଶିକ୍ଷାଲାଭ କରିବା ସହିତ ସୁନ୍ଦର ଭବିଷ୍ୟତ ଗଠନ ପାଇଁ ପରାମର୍ଶ ଦେଇଥିଲେ। ଏହି ସଭାରେ ଆମେରିକାର ବରିଷ୍ଠ ସଫ୍ଟୱେୟାର ଇଂଜିନିୟର ଧ୍ରୁବଜ୍ୟୋତି ଗିରି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୃଢ଼ ନିଷ୍ଠା ଏବଂ ଅଧ୍ୟବସାୟ ବଳରେ କିଭଳି ଲକ୍ଷ୍ୟସ୍ଥଳରେ ପହଞ୍ଚିହୁଏ ସେ ସଂପର୍କରେ ଆଲୋକପାତ କରିଥିଲେ।

## ବୃଦ୍ଧାଶ୍ରମ ଅନ୍ତେବାସୀଙ୍କୁ ରୋଟାରୀ ପକ୍ଷରୁ ଖାଦ୍ୟ ଓ ବସ୍ତ୍ର ବଣ୍ଟନ

**ଧର୍ମଶାଳା,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ପବିତ୍ର ନୂଆଖାଇ ଅବସରରେ ଜାରକା ରୋଟାରୀ ଓ ଇନରହୁଇଲ କ୍ଲବ ପକ୍ଷରୁ ଛତିଆସ୍ଥିତ ସେବକ ବୃଦ୍ଧାଶ୍ରମର ଅନ୍ତେବାସୀଙ୍କୁ ଆଜି ଖାଦ୍ୟ ଓ ବସ୍ତ୍ର ବଂଟନ କରାଯାଇଛି । ଜାରକା ରୋଟାରୀ ଓ ଇନରହୁଇଲ କ୍ଲବର ସଦସ୍ୟମାନେ ପ୍ରତ୍ୟେକ ବର୍ଷ ପରି ଚଳିତ ବର୍ଷ ପବିତ୍ର ନୂଆଖାଇ ଅବସରରେ ଛତିଆସ୍ଥିତ ଜରାଶ୍ରମ ଅନ୍ତେବାସୀଙ୍କୁ ଡାଲି, ଚୁଡା, ଖାଇବା ତେଲ,ଚାଉଳ ଓ ବିସ୍କୁଟ, ଫଳ ଆଦି ଖାଦ୍ୟ ପ୍ରଦାନ କରିବା ସହ ଅନ୍ତେବାସୀମାନଙ୍କ ପାଇଁ ନୂତନ ବସ୍ତ୍ର ପ୍ରଦାନ କରିଛନ୍ତି ।

## କିରିଆମ୍ବା ଜଙ୍ଗଲରେ ୨୧ ଟିକିଆ ହାତୀ ପଲ: ଚିନ୍ତାରେ ଚାଷୀ ଓ ବନ ବିଭାଗ

**ବୁଗୁଡ଼ା,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ କିରିଆମ୍ବା ସଂରକ୍ଷିତ ଜଙ୍ଗଲରେ ୨୧ ଟିକିଆ ହାତୀପଲ ଚଳପ୍ରଚଳ କରୁଥିବା ନେଇ ବନ ବିଭାଗ ପକ୍ଷରୁ ସୂଚନା ମିଳିଛି । ଫଳରେ ସ୍ଥାନୀୟ ଚାଷୀ ଏବଂ ବନ ବିଭାଗର ଚିନ୍ତାର କାରଣ ପାଲଟିଛି । କିଛି ଦିନ ତଳେ ଓଡଗାଁ ଜଙ୍ଗଲରୁ ୧୩ ଟିକିଆ ଏକ ହାତୀପଲ ବୁଗୁଡ଼ା ବନାଞ୍ଚଳ ଅନ୍ତର୍ଗତ ପଞ୍ଚୁଭୁତି ଜଙ୍ଗଲରେ ପ୍ରବେଶ କରି ଆଖପାଖ ଅଞ୍ଚଳରେ ଧାନ ତଳି ଓ ମକା ଫସଲ ନଷ୍ଟ କରି କିରିଆମ୍ବା ଜଙ୍ଗଲକୁ ଚାଲି ଯାଇଥିଲେ । ଏବେ ପୁଣି ଗତରାତିରେ ଖୋର୍ଦ୍ଧା ଡିଭିଜନ ଅନ୍ତର୍ଗତ ବାଲୁଗାଁ ଜଙ୍ଗଲରୁ ୮ ଟିକିଆ ଏକ ହାତୀପଲ କିରିଆମ୍ବା ଜଙ୍ଗଲରେ ପ୍ରବେଶ କରିଥିବା ଫଳରେ ହାତୀ ସଂଖ୍ୟା ୨୧କୁ ବୃଦ୍ଧି ପାଇଛି । ଏହି ୨୧ ଟିକିଆ ହାତୀପଲରେ ୫ଟି ଦନ୍ତା , ୬ଟି ମାଈ ଓ ୧୦ଟି ଛୁଆ ହାତୀ ରହିଥିବା ଜଣାଯାଇଛି । କିରିଆମ୍ବା ଜଙ୍ଗଲରେ ୨୧ ଟିକିଆ ହାତୀପଲର ଉପସ୍ଥିତି ଯୋଗୁଁ ଜଙ୍ଗଲ ଆଖପାଖ ବିଭିନ୍ନ ଗ୍ରାମର ଚାଷୀମାନଙ୍କ ନିଦ ହଜି ଯାଇଛି । ଏ ନେଇ ଲୋକେ ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ରଙ୍କୁ ଅବଗତ କରାଇବା ପରେ ସେ ଜଙ୍ଗଲ ଭିତରକୁ ନ ଯାଇ ସତର୍କ ରହିବା ପାଇଁ ଚାଷୀମାନଙ୍କୁ କହିଛନ୍ତି । ଏଥି ସହ ହାତୀମାନଙ୍କ ଉପଦ୍ରବକୁ ପ୍ରତିହତ କରିବା ପାଇଁ ବନ କର୍ମଚାରୀ ଏବଂ ଗ୍ରାମବାସୀ ବାଣ ଫୁଟାଇବା , ନିଆଁ ହୁଳା ଦେଖାଇବା , ବାଜା ବଜାଇବା ଆଦି କାର୍ଯ୍ୟ କରିବାକୁ ପ୍ରସ୍ତୁତ ରହିଥିବା ଜଣାଯାଇଛି ।



## ବିଦାହେଲେ ବିବାଦୀୟ ବିଡିଓ : ନୀଳିପ୍ତା ହେଲେ ନୂତନ ବିଡ଼ିଓ

**ବେତନଟୀ,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ବେତନଟୀ ବ୍ଲକ ବିବାଦୀୟ ବଡ଼ିଓ ଛବିରାଣି ସାହୁ ବ୍ଲକରୁ ବିଦାହେଲେ । ବର୍ଷକ ପୂର୍ବେ ୧୨/୯/୨୨ ବେତନଟୀ ବ୍ଲକରେ ବି.ଡି.ଓ ଭାବରେ ଯୋଗଦେଇଥିଲେ । ବି.ଡି.ଓ ଭାବରେ ଯୋଗ ଦେବା ପରଠାରୁ ହିଁ ସେ ବିବାଦୀୟ ହେଇଥିଲେ। କେବେ ସମିତି ସଭ୍ୟସଭ୍ୟାଙ୍କୁ ଦୁର୍ବ୍ୟବହାର କରି ଅଭିଯୋଗର ସମ୍ମୁଖୀନ ହେବା, ଠିକାଦାର ଙ୍କୁ ଅନୁକମ୍ପା ଦେଇ ବିବାଦୀୟ ହେବା, କେବେ ନିଜ ସ୍ୱାମୀଙ୍କୁ ବ୍ଲକ ଠିକାଦାର କାମରେ ସଂପୃକ୍ତ କରାଇ ଆକ୍ରୋଶର ସମ୍ମୁଖୀନ ହେବା, ବିଭାଗୀୟ କାମରେ ଝାମେଲା କରାଇ ମୋଟା ଅଙ୍କର ମାଲ ନେଇ ସମଧଙ୍କରି କାମ ବାଣ୍ଟିବା ଆଦି ଅନିତିକ କାମରେ ଲିପ୍ତ ରହି ଆସୁଥିବା ବିଡ଼ିଓ ଶ୍ରୀମତୀ ସାହୁ ଙ୍କୁ ବେତନଟି ବ୍ଲକରୁ ବିଦା ହେବାକୁ ପଡ଼ିଲା । ଗତ ୧୮ ତାରିଖ ଦିନ ନୂତନ ବିଡିଓ ଶ୍ରୀମତୀ ନିର୍ଲିପ୍ତା ମହାନ୍ତି ଯୋଗ ଦେବା ବେଳେ ବିଦାୟୀ ବିଡ଼ିଓ ଛବିରାଣିଙ୍କ କିଛି ଆନୁଗତ୍ୟ ମହିଳା ଛବିରାଣିଙ୍କ ବଦଳି କୁ ବାତିଲ କରିବା ପାଇଁ ବ୍ଲକ ରେ ଆସି ଧାରଣା ବସିଥିଲେ । ଯଦିଓ ମହିଳା ମାନଙ୍କ ମଧ୍ୟରେ ଅଧିକାଂଶ ବିଜେଡି ଦଳର ଥିଲେ । ଶେଷରେ ବିନା କୌଣସି ବାଧରେ ନୂତନ ବିଡ଼ିଓ ନିର୍ଲିପ୍ତା ମହାନ୍ତି ଯୋଗ ଦେଇଛନ୍ତି । ବେତନଟୀ ପୋଲିସ ଏସ.ଡି. ପି. ଓ ସୁଦର୍ଶନ ଦାଶ, ଆଇଆଇସି ସସ୍ମିତା ମହାନ୍ତଙ୍କ ଉପସ୍ଥିତିରେ ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ବ୍ଲକ ଷ୍ଟାଫ ସମୂହ ନୂତନ ବିଡ଼ିଓ ଶ୍ରୀମତୀ ମହାନ୍ତିଙ୍କୁ ସ୍ୱାଗତ କରିଥିଲେ । ବିଦାୟୀ ବିଡିଓ ଶ୍ରୀମତୀ ଛବିରାଣି ଙ୍କ ସମୟରେ ହୋଇଥିବା ବିଭିନ୍ନ ପ୍ରକଳ୍ପ, କ୍ୟାସ ରେକର୍ଡ, ଏବଂ ହେଲୋଜିନ ଲାଇଟ, ହାଇମାଷ୍ଟ ଲାଇଟ ପ୍ରକଳ୍ପର ତଦନ୍ତ ଦାବି ବିଭିନ୍ନ ମହଲ ରୁ କରାଯାଇଛି ।




## ରେଢ଼ାଖୋଲ ପୁରପଲ୍ଲୀରେ ଗଣେଶ ପୂଜା ପାଳିତ

**ରେଢାଖୋଲ,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହର ପୁରପଲ୍ଲୀରେ ପାଳିତ ହୋଇଯାଇଛି ବିଘ୍ନହର୍ତା ପ୍ରଭୁ ଶ୍ରୀ ଗଣେଶଙ୍କ ପୂଜା । ପ୍ରଭୁ ଗଣେଶ ହେଉଛନ୍ତି ପ୍ରଥମ ପୂଜ୍ୟ ତାଙ୍କୁ ପୂଜାର୍ଚ୍ଚନାରେ ସମସ୍ତ ବିଘ୍ନ ନାଶ ହୋଇଥାଏ ବୋଲି ପୌରାଣିକ କାଳରୁ ଜନ ସାଧାରଣ ପ୍ରଭୁ ଲମ୍ବୋଦର ଗଜାନନ ଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି ।ଏହି ଅବସରରେ ଆଜି ରେଢ଼ାଖୋଲ ସହରରେ ସମସ୍ତ ସାହି ପଡ଼ା ମାନଙ୍କ ସହିତ ବିଭିନ୍ନ ଗ୍ରାମ ମାନଙ୍କରେ ପ୍ରଭୁଙ୍କ ପୂଜାର୍ଚ୍ଚନା ରେ ଉତ୍ସବମୁଖର ହୋଇଉଠିଛି । ଏପରିକି ସହରରେ ସମସ୍ତ ଶିକ୍ଷାନୁଷ୍ଠାନ, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ସହିତ ଏମିତିକି ଘରେ ଘରେ ମଧ ମହାଆଡ଼ମ୍ବର ସହକାରେ ପାଳନ କରାଯାଇଥିଲା।

## ରାସ୍ତା ଅବସ୍ଥା ଶୋଚନୀୟ : ମରାମତି ପାଇଁ ରାସ୍ତାରୋକ

**ପୁରୀ,୨୧ା୯ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ମହାବିଦ୍ୟାଳୟ ଠାରୁ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ମୁଖ୍ୟରାସ୍ତ ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ତାହା ମରାମତି ପାଇଁ ଦାବିକରି କେତେକ ଯୁବକ କଣାସ କଲେଜ୍ ଛକ ନିକଟରେ ରାସ୍ତାରୋକ କରିଥିଲେ। କଣାସ ଥାନା ଆଇଆଇସି ରାକେଶ ତ୍ରିପାଠୀ ରାସ୍ତା ରୋକ ସମ୍ପର୍କରେ ଖବର ପାଇ ରାସ୍ତାରୋକ କରିଥିବା ଯୁବକମାନଙ୍କ ସହିତ ଆଲୋଚନା କରି ରାସ୍ତାକାମ ନେଇଥିବା ଠିକାଦାରଙ୍କୁ ତୁରନ୍ତ ବ୍ରିଜି କଡରେ ହୋଇଥିବା ଖମାକୁ ବନ୍ଦ କରିବାପାଇଁ ନିର୍ଦ୍ଦେଶ ଦେବାସହ ଯୁବକମାନଙ୍କୁ ବୁଝାସୁଝା କରି ରାସ୍ତାରୋକରୁ ଉଠାଇଦେଇଥିଲେ । ଠିକାଦର ମଧ ସଂଗେ ସଂଗେ ବ୍ରିଜ୍ ନିକଟରେ ହୋଇଥିବା ଖମାକୁ ଗୋଡିଡଷ୍ଟ ପକାଇ ବନ୍ଦକ ରାଇଦେଇଥିଲେ। ବଜାର ଭିତରେ ହୋଇଥିବା ବଡବଡ ଖମା କାମକରିବାପାଇଁ କଣାସ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ରାସ୍ତକାମ ନେଇଥିବା ଠିକାଦାରଙ୍କୁ ନିର୍ଦ୍ଦେଶ ଦେବାରୁ ଠିକାଦାର ବର୍ଷା ଛାଡିଲେ କାମକରିବେ ବୋଲି ପ୍ରତିଶୃତି ଦେଇଥିଲେ। ପ୍ରକାଶଥାଉକି କଣାସ କଲେଜ୍ ଛକ ବଜାର , କଣାସ କୁଶ୍ୱେରୀ ବଜାର, ବସ୍‌ଷ୍ଟାଣ୍ଡ ବଜାର ରାସ୍ତାର ଦୁଇ ପାର୍ଶ୍ୱରେ ଜଳନିଷ୍କାସନ ନାଳ ନଥିବାରୁ ଉକ୍ତ ବଜାରମାନଙ୍କରେ ବର୍ଷ ସମୟରେ ଆଣ୍ଠୁଏ ପାଣି ଜମିରହୁଥିବାରୁ ତୁରନ୍ତ ରାସ୍ତାର ଦୁଇପାର୍ଶ୍ୱରେ ଜଳନିଷ୍କାସନ ନାଳ ବିଭାଗୀୟ କର୍ତୃପକ୍ଷ ନିର୍ମାଣ କରିବାକୁ କଣାସ କୁଶ୍ୱେରୀ ବଜାର ବ୍ୟବସାୟୀ ସଂଘର ସଭାପତି ଶ୍ରୀକାନ୍ତ ପଟ୍ଟଯୋଷୀ ଦାବିକରିଛନ୍ତି ।

